# ଜିଲ୍ଲା ସ୍ତରୀୟ ଡେଙ୍ଗୁ ମାସ ପାଳନ ।

ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟିକୁ ନେଇ ଜିଲ୍ଲା ସ୍ତରୀୟ ଡେଙ୍ଗୁ ମାସ ପାଳନ ଅବସରରେ ଆଜି ଅପରାହ୍ନରେ ଜିଲ୍ଲା କୋର୍ଟ ରୁମ୍ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ଡେଙ୍ଗୁ ଓ ଡାଇରିଆ ରୋଗର ସଚେତନତା ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ଗଣମାଧ୍ୟମ ଓ ବିଶେଷକରି ସାମାଜିକ ଗଣମାଧ୍ୟମ ଜରିଆରେ ଡେଙ୍ଗୁ ଓ ଡାଇରିଆ ରୋଗରରୁ ଦୁରେଇ ରହିବା ନିମନ୍ତେ ସତର୍କତା ଅବଲମ୍ବନ କରିବା ଉପରେ ବହୁଳ ପ୍ରଚାରକୁ ନେଇ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହା ସହ ପୌରସଂସ୍ଥା ଓ ଶିକ୍ଷା ସଂସ୍ଥାଗୁଡିକ ଏହି ସଚେତନତା କାର୍ଯ୍ୟକ୍ରମକୁ ସଠିକ୍ ଭାବେ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ ଯୋଗ ଦେଇ ବର୍ଷା ଦିନେ ଡେଙ୍ଗୁ ଓ ଡାଇରିଆ ରୋଗର ପ୍ରାଦୁର୍ଭାବ ଅଧିକ ଥିବାରୁ ଆଗୁଆ ସତର୍କତା ପଦକ୍ଷେପ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଡେଙ୍ଗୁ ରୋଗର ଲକ୍ଷଣ ଓ ଏହାର ପ୍ରତିକାର ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା ପାୱାର ପଏଣ୍ଟ ମାଧ୍ୟମରେ ଡେଙ୍ଗୁ ରୋଗର ପ୍ରତିକାର ଓ ନିୟନ୍ତ୍ରଣ ତଥା ବିଭିନ୍ନ ବିଭାଗର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଡା. ବିନୋଦ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଶ୍ରୀ ଭରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୦୯ ତା.୨୬.୦୭.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୨୬/୭/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


realme
Shot on realme 9 Pro+
2022.07.26 16:39